# NATIONAL NEWS BULLETIN (ODIA)

## 6 January-2025

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ୩ଟି ରେଳ ପ୍ରକଳ୍ପର ଆଜି ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ।
- ଦେଶର ବିକାଶ ପାଇଁ ଜାତୀୟତାବାଦ, ସଂଗଠନ ଏବଂ ରାଷ୍ଟ୍ର ପ୍ରଥମ' ଆଭିମୁଖ୍ୟ ଉପରେ ଗୁରୁତ୍ୱ ପ୍ରଦାନ କଲେ ଉପରାଷ୍ଟ୍ରପତି
- ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଆଜି ନୂଆଦିଲ୍ଲୀଠାରେ ଆମେରିକା ପ୍ରତିପକ୍ଷଙ୍କ ସହ କରିବେ ସାକ୍ଷାତ ଆଲୋଚନା
- ଭାରତରେ ନ୍ୟାୟିକ ତାଲିମ ପାଠ୍ୟକ୍ରମରେ ୫୦ଜଣ ଅଧିକାରୀଙ୍କ ଅଂଶ ଗ୍ରହଣକୁ ରଦ୍ଦ କଲେ ବାଂଲାଦେଶ ସରକାର

ଏବଂ

- ହକି ଇଣ୍ଡିଆ ଲିଗ୍‌ର ଗତକାଲି ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ ବିଜୟୀ

# ପିଏମ୍- ରେଲୱେ ପ୍ରୋଜେକ୍ଟସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କେତୋଟି ରେଳ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ସେଗୁଡ଼ିକ ମଧ୍ୟରେ ନୂତନ ଜାମ୍ମୁ ରେଳ ଡିଭିଜନ, ତେଲଙ୍ଗାନାର ଚାର୍ଲାପଲ୍ଲୀ ନୂଆ ଟର୍ମିନାଲ୍ ଷ୍ଟେସନ ଏବଂ ଓଡ଼ିଶାର ରାୟଗଡ଼ା ରେଳ ଡିଭିଜନ ଭବନ ଆଦି ଅନ୍ତର୍ଭୁକ୍ତ । ଜାମ୍ମୁ ରେଳ ଡିଭିଜନ ଗଠନ ଦ୍ୱାରା ଜାମ୍ମୁ କାଶ୍ମୀର ଏବଂ ଏହାର ଆଖପାଖ ଅଞ୍ଚଳ ପାଇଁ ବିଶେଷ ଲାଭଦାୟକ ସାବ୍ୟସ୍ତ ହେବ । ଏଥିରେ ପଠାନକୋଟ, ଜାମ୍ମୁ, ଉଦ୍ଧମପୁର, ଶ୍ରୀନଗର, ବାରମୂଲା, ଭୋଗପୁର ସିରୱାଲ, ବଟାଲା ଏବଂ ଯୋଗୀନ୍ଦରନଗର ସେକସନ ଆଦି ରହିବ । ଏ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ଭିତ୍ତିଭୂମି ବିକାଶ ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ ।

ତେଲଙ୍ଗାନାର ମେଦଚାଲ୍- ମଲକାଜଗିରି ଜିଲ୍ଲାରେ ଥିବା ଚାର୍ଲାପଲ୍ଲୀ ନିଉ ଟର୍ମିନାଲ୍ ଷ୍ଟେସନକୁ ଏକ ନୂତନ କୋଚିଂ ଟର୍ମିନାଲ୍ ଭାବରେ ବିକଶିତ କରାଯାଇଛି । ଏଥିପାଇଁ ପ୍ରାୟ ୪୧୩ କୋଟି ଟଙ୍କା ବ୍ୟୟ ହୋଇଛି । ଉତ୍ତମ ଯାତ୍ରୀ ସୁବିଧା ଥିବା ଏହି ପରିବେଶ ଅନୁକୂଳ

ଟର୍ମିନାଲ୍ ସିକନ୍ଦରାବାଦ, ହାଇଦ୍ରାବାଦ ଏବଂ କାଚେଗୁଡ଼ା ଭଳି ସହରରେ ଥିବା କୋଚିଂ ଟର୍ମିନାଲ୍‌ରେ ଯାତ୍ରୀ ଭିଡ଼କୁ ହ୍ରାସ କରିବ ।

ପୂର୍ବତଟ ରେଳପଥର ରାୟଗଡ଼ା ରେଳ ଡିଭିଜନ ଭବନ ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଆଖପାଖ ଅଞ୍ଚଳରେ ଯୋଗାଯୋଗରେ ଉନ୍ନତି ଆଣିବା ସହ ସାମଗ୍ରିକ, ସାମାଜିକ ଏବଂ ଅର୍ଥନୈତିକ ପ୍ରଗତିରେ ସହାୟକ ହେବ ବୋଲି ଜଣାପଡ଼ିଛି ।

# ପିଏମ୍-ଆୟୁର୍ବେଦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍

ଆୟୁଷ ଏବଂ ଆୟୁର୍ବେଦ ଭଳି ପାରମ୍ପରିକ ଭାରତୀୟ ଔଷଧ ପଦ୍ଧତିକୁ ସରକାର  ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଗତ ୧୦ବର୍ଷ ମଧ୍ୟରେ ଆୟୁଷ ବ୍ୟବସ୍ଥା ୧୦୦ରୁ ଅଧିକ ଦେଶକୁ ବିସ୍ତାରିତ ହୋଇପାରିଛି ବୋଲି ସେ କହିଛନ୍ତି । ନୂଆଦିଲ୍ଲୀର ରୋହିଣୀଠାରେ ଗତକାଲି କେନ୍ଦ୍ରୀୟ ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନର ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଭାରତରେ ପାରମ୍ପରିକ ଔଷଧ ସହ ଜଡ଼ିତ ପ୍ରଥମ ଡବ୍ଲୁ.ଏଚ୍.ଓ. ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଛି । ପ୍ରାୟ ୧୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ଆୟୁର୍ବେଦ ଗବେଷଣା ପ୍ରତିଷ୍ଠାନ ନିର୍ମାଣ କରାଯିବ ।

୨ ଦଶମିକ ୯/୨ ଏକର ପରିମିତ ଅଞ୍ଚଳରେ ନିର୍ମିତ ହେବାକୁ ଥିବା ଏହି କେନ୍ଦ୍ର ପରମ୍ପରା ଏବଂ ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବା ସହ ସାମଗ୍ରିକ ଚିକିତ୍ସା, ସ୍ୱତନ୍ତ୍ର କ୍ଲିନିକ୍ ଏବଂ ଦକ୍ଷତା ବିକାଶ ପାଇଁ ନୂତନ ସୁଯୋଗ ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ବିଶ୍ୱ ହିଲ୍ ଇନ୍ ଇଣ୍ଡିଆକୁ' ମେକ୍ ଇନ୍ ଇଣ୍ଡିଆ ଭଳି ଗ୍ରହଣ କରିବା ଆଉ ବେଶୀ ଦୂର ନୁହେଁ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଯୋଗ ଦେଇଥିଲେ ।

# ଧନଖଡ଼ ଏନ୍‌ସିସି

ଦେଶର ବିକାଶ ପାଇଁ ଜାତୀୟତାବାଦ, ସଂଗଠନ ଏବଂ ରାଷ୍ଟ୍ର ପ୍ରଥମ ଆଭିମୁଖ୍ୟର ଆବଶ୍ୟକତା ରହିଛି ବୋଲି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି । ଦିଲ୍ଲୀଠାରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ-ଏନ୍‌ସିସିର ସାଧାରଣତନ୍ତ୍ର ଶିବିର-୨୦୨୫କୁ ଉଦ୍‌ଘାଟନ କରି ଶ୍ରୀ ଧନଖଡ଼ କହିଛନ୍ତି, କୌଣସି ଦେଶର ନାଗରିକ ରାଷ୍ଟ୍ରବାଦ ପ୍ରତି ଗଭୀର ଭାବେ ପ୍ରତିବଦ୍ଧ ହେଲେ ହିଁ ସେହି ଦେଶର ବିକାଶ ସମ୍ଭବ ହୋଇପାରିବ । ସାମାଜିକ ସୌହାର୍ଦ୍ଦ୍ୟ, ତୃଣମୂଳ ସ୍ତରରେ ଦେଶପ୍ରେମର ମୂଲ୍ୟବୋଧ, ପରିବେଶ ସଚେତନତା, ଆତ୍ମନିର୍ଭରଶୀଳତା ଏବଂ ନାଗରିକ କର୍ତ୍ତବ୍ୟ ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱ ଦେଇଛନ୍ତି । ଏହି ୫ଟି ସ୍ତମ୍ଭକୁ ଅନୁସରଣ କରିବାକୁ ଉପରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ଏନ୍‌ସିସିର

ଅବଦାନକୁ ପ୍ରଶଂସା କରିବା ସହ ଉପରାଷ୍ଟ୍ରପତି ଏହି ସଂଗଠନ ଦେଶର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଶିବିରରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ୧୭ଟି ଏନ୍‌ସିସି ନିର୍ଦ୍ଦେଶାଳୟ ଅନ୍ତର୍ଗତ ୯୧୭ ଜଣ ବାଳିକା କ୍ୟାଡେଟ୍‌କୁ ମିଶାଇ ୨ହଜାର ୩୦୦ରୁ ଅଧିକ କ୍ୟାଡେଟ୍ ଅଂଶ ଗ୍ରହଣ କରିଛନ୍ତି ।

# ଇଣ୍ଡିଆ-ୟୁଏସ୍ ଏନ୍‌ଏସ୍‌ଏ ମିଟିଂ

ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ୍ ଆଜି ନୂଆଦିଲ୍ଲୀଠାରେ ଆମେରିକା ପ୍ରତିପକ୍ଷ ଜେକ୍ ସୁଲିଭାନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିବେ । ସୁରକ୍ଷା ସଂପର୍କିତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ତଥା ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ସଂପର୍କିତ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ଆଲୋଚନା କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଗତ ସପ୍ତାହରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ବ୍ୟାପକ ଏବଂ ନିରନ୍ତର କରିବା ଲକ୍ଷ୍ୟରେ ଆଲୋଚନା ଚାଲିଛି । ସେ କହିଥିଲେ, ବର୍ତ୍ତମାନ ବାଇଡେନ୍ ପ୍ରଶାସନର କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି । ତେବେ ଏହି ସମୟ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା ଉଭୟ ଦେଶ ମଧ୍ୟରେ ଥିବା ସୁଦୃଢ଼ ସଂପର୍କକୁ ପ୍ରତିପାଦନ କରୁଛି ବୋଲି ସେ କହିଛନ୍ତି । ଶ୍ରୀ ସୁଲିଭାନ୍ ଏହି ଗସ୍ତ ଅବସରରେ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କରଙ୍କୁ ସାକ୍ଷାତ କରିବା ସହ ଦିଲ୍ଲୀ ଆଇ.ଆଇ.ଟି. ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

## ବାଂଲାଦେଶ ଏସ୍‌ସି

ମଧ୍ୟପ୍ରଦେଶର ଭୋପାଳସ୍ଥିତ ନ୍ୟାଶନାଲ୍ ଜୁଡ଼ିସିଆଲ୍ ଏକାଡେମୀ ଏବଂ ନ୍ୟାୟିକ ଏକାଡେମୀ ତାଲିମ ପାଠ୍ୟକ୍ରମରେ ୫୦ଜଣ ନ୍ୟାୟିକ ଅଧିକାରୀଙ୍କ ଅଂଶଗ୍ରହଣ ସଂକ୍ରାନ୍ତ ଗେଜେଟ୍ ବିଜ୍ଞପ୍ତିକୁ ବାଂଲାଦେଶ ସରକାର ରଦ୍ଦ କରିଛନ୍ତି । ସେଠାକାର ଆଇନ, ନ୍ୟାୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟ ଏ ସଂକ୍ରାନ୍ତ ପରିବର୍ତ୍ତିତ ବିଜ୍ଞପ୍ତି ଗତକାଲି ଜାରି କରିଛି । ସେ ଦେଶର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନେଇ ଏହି ବିଜ୍ଞପ୍ତିରେ କୁହାଯାଇଛି ।

ସୂଚନାଯୋଗ୍ୟ ଗତମାସ ୩୦ ତାରିଖରେ ପ୍ରକାଶିତ ଗେଜେଟ୍ ନୋଟିଫିକେସନ ଅନୁଯାୟୀ ଫେବୃୟାରୀ ମାସ ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ୫୦ଜଣ ନ୍ୟାୟିକ ଅଧିକାରୀଙ୍କୁ ବାଂଲାଦେଶ ସରକାର ଭାରତରେ ତାଲିମ ପାଠ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ଅନୁମତି ପ୍ରଦାନ କରିଥିଲେ । ତାଲିମ କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ଭାରତ ସରକାର ବହନ କରିବେ ବୋଲି ପୂର୍ବ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା । ୨୦୧୭ ମସିହା ଏପ୍ରିଲ୍ ମାସରେ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ଭାରତ

ଗସ୍ତ ସମୟରେ ଦୁଇଦେଶ ମଧ୍ୟରେ ଏ ନେଇ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ।

## କୋଲକାତା-ଫିସରମ୍ୟାନ୍

ବଙ୍ଗୋପସାଗରର ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେ ଗତ ସନ୍ଧ୍ୟାରେ ଭାରତ ଓ ବାଂଲାଦେଶରେ  ଅଟକ ରହିଥିବା ଉଭୟ ଦେଶର କିଛି ମତ୍ସ୍ୟଜୀବୀଙ୍କୁ ଛାଡ଼ି ଦିଆଯାଇଛି । ବାଂଲାଦେଶରେ ଅଟକଥିବା ୯୫ ଜଣ ଭାରତୀୟ ମତ୍ସ୍ୟଜୀବୀ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଭାରତରେ ଅଟକ ଥିବା ୯୦ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ମୁକ୍ତ ହୋଇଥିବା ଭାରତୀୟ ମତ୍ସ୍ୟଜୀବୀମାନେ କାକଦ୍ୱୀପ ସବ୍‌ଡିଭିଜନର ବାସିନ୍ଦା । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ସେମାନଙ୍କୁ ଭେଟିବାର କାର୍ଯ୍ୟସୂଚୀ ରହିଛି ।

## କୁମାରସ୍ୱାମୀ - ପି.ଏଲ୍‌.ଆଇ.

କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌.ଡି. କୁମାରସ୍ୱାମୀ ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଆଜି ଇସ୍ପାତ ଉଦ୍ୟୋଗ ସହ ଜଡ଼ିତ ଉତ୍ପାଦନଭିତ୍ତିକ ପ୍ରୋତ୍ସାହନମୂଳକ ଯୋଜନା 'ପି.ଏଲ୍‌.ଆଇ. ଯୋଜନା-୧.୧'ର ଶୁଭାରମ୍ଭ କରିବେ ।  ଇସ୍ପାତ ମନ୍ତ୍ରଣାଳୟ କହିଛି, ଏହି ଯୋଜନାରେ ୧୪ ହଜାରରୁ ଅଧିକ ଲୋକଙ୍କୁ କର୍ମନିଯୁକ୍ତି ଦେବା ନିମନ୍ତେ ୨୭ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗ କରାଯିବ ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଶୀତଋତୁରେ ସୁରକ୍ଷିତ ରହିବା** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଭାରତୀୟ ପାଣିପାଗ ବିଭାଗର ବିଶେଷଜ୍ଞ ଡକ୍ଟର ଆର୍.କେ. ଜେନାମଣି ଏବଂ ଦିଲ୍ଲୀ ଏମ୍ସ' ମେଡିସିନ୍ ବିଭାଗର ପୂର୍ବତନ ମୁଖ୍ୟ ଡକ୍ଟର ଏସ୍.କେ. ଶର୍ମା ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ହକି

ହକି ଇଣ୍ଡିଆ ଲିଗ୍ ପ୍ରତିଯୋଗିତାରେ ଗତକାଲିର ମ୍ୟାଚ୍‌ରେ ତାମିଲନାଡୁ ଡ୍ରାଗନ୍ସ' ୟୁପି ରୁଦ୍ରାସ୍ ବିପକ୍ଷରେ ବିଜୟୀ ହୋଇଛି । ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ଗତରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ତାମିଲନାଡୁ' ୟୁପିକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି । ତାମିଲନାଡୁ ଏହି ପ୍ରଥମ ବିଜୟ ହାସଲ କରି ତାଲିକାର

ତୃତୀୟ ସ୍ଥାନରେ ରହିଛି । ପୂର୍ବରୁ ସୁର୍ମା ହକି କ୍ଲବ’ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସଙ୍କୁ ୪-୩ ଗୋଲ୍‌ରେ ପରାସ୍ତ କରିଥିଲା ।

ଆଜି ସୁର୍ମା ହକି କ୍ଲବ୍ ଏବଂ ଦିଲ୍ଲୀ ଏସ୍.ଜି. ପାଇପର୍ସ ମଧ୍ୟରେ ରାତି ୮ଟା ୧୫ ମିନିଟ୍‌ରେ ମ୍ୟାଚ୍ ଖେଳାଯିବ ।

## ଫୁଟବଲ

ଇଣ୍ଡିଆନ୍ ସୁପର ଲିଗ୍ ଫୁଟ୍‌ବଲ ପ୍ରତିଯୋଗିତାରେ କେରଳ ବ୍ଲାଷ୍ଟର୍ସ’ ପଞ୍ଜାବ ଏଫ୍‌ସିକୁ ହରେଇ ଦେଇଛି । ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିୟମ୍‌ଠାରେ ଗତକାଲି ଖେଳାଯାଇଥିବା ଏହି ମ୍ୟାଚ୍‌ରେ କେରଳ’ ପଞ୍ଜାବକୁ ୧-୦ ଗୋଲ୍‌ରେ ହରେଇ ଦେଇଛି । ପଞ୍ଜାବ ଏଫ୍‌ସି କ୍ରମାଗତ ଚତୁର୍ଥ ପରାଜୟ ସହ ତାଲିକାର ଅଷ୍ଟମ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ଏହି ବିଜୟ ସହ କେରଳ ବ୍ଲାଷ୍ଟର୍ସ ତାଲିକାର ନବମ ସ୍ଥାନକୁ ସ୍ଥାନୀତ ହୋଇଛି ।

ଆଜି ଇଷ୍ଟ୍‌ବେଙ୍ଗଲ ଏଫ୍‌ସି ଏବଂ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ କୋଲ୍‌କାତାଠାରେ ରାତି ସାଢ଼େ୭ଟାରେ ମ୍ୟାଚ୍ ଖେଳାଯିବ ।

## କ୍ରିକ୍ - ଡିଜାବଲ୍‌ଡ୍ ଚାମ୍ପିୟନ୍‌ସ୍ ଟ୍ରଫି

ଦିବ୍ୟାଙ୍ଗ ଚାମ୍ପିୟନ୍‌ସ ଟ୍ରଫି ନିମନ୍ତେ ଭିନ୍ନକ୍ଷମ କ୍ରିକେଟ୍ ପରିଷଦର ଜାତୀୟ ଚୟନ କମିଟି ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରିଛି ।

ଶ୍ରୀଲଙ୍କାରେ ଆସନ୍ତା ୧୨ ତାରିଖରୁ ଏହି ଚାମ୍ପିୟନ୍‌ସ ଟ୍ରଫି ଆରମ୍ଭ ହେବ ।
ଘୋଷିତ ଭାରତୀୟ ଦଳରେ ବିକ୍ରାନ୍ତ ରବିନ୍ଦ୍ର କେନି ଅଧିନାୟକ ରହିବେ ।
ଭାରତୀୟ ଦଳର ମ୍ୟାଚ୍‌ଗୁଡ଼ିକ ଡି.ସି.ସ୍ପୋର୍ଟସ୍‌ରେ ସିଧା ପ୍ରସାରଣ କରାଯିବ ।